ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# କୋଭିଡ୍-୧୯ ସ୍ଥିତିରେ
# ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ସିରିଜ ଉଠାଣ ଘୁଞ୍ଚିଲା

**ଭୁବନେଶ୍ୱର : ୧୫ ଅପ୍ରେଲ,୨୦୨୦**

କରୋନା ଭୂତାଣୁ ସଂକ୍ରମଣ (କୋଭିଡ-୧୯) ପରିପ୍ରେକ୍ଷୀରେ ରାଜ୍ୟବ୍ୟାପି ଲକ୍‌ଡ଼ାଉନ୍‌ର ଅବଧି ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇଥିବା ଦୃଷ୍ଟିରୁ ଅର୍ଥ ବିଭାଗର ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ ତରଫରୁ ଚଳିତ ମାସ ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା 'ଏକ୍ୟୁ' ସିରିଜ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନାର ଉଠାଣକୁ ସ୍ଥଗିତ ରଖାଯାଇଛି । ଏହି ଉଠାଣକୁ ଆସନ୍ତା ଜୁଲାଇ ୨୬ ତାରିଖରେ ଆୟୋଜନ କରିବା ପାଇଁ ଆପାତତଃ ସ୍ଥିର କରାଯାଇଛି । ମାନ୍ୟବର ଅର୍ଥମନ୍ତ୍ରୀଙ୍କର ଅନୁମୋଦନକ୍ରମେ ଅର୍ଥ ବିଭାଗର ଯୁଗ୍ମ ସଚିବ ରାଜ୍ୟର ସମସ୍ତ ଜିଲ୍ଲାପାଳମାନଙ୍କୁ ଏହି ସଂକ୍ରାନ୍ତରେ ପତ୍ର ଦ୍ୱାରା ଅବଗତ କରାଇଛନ୍ତି । ସ୍ୱଳ୍ପ ସଞ୍ଚୟ ଜମାକାରୀ ଏବଂ ପ୍ରତିନିଧିମାନଙ୍କର ଅବଗତି ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏହି ପତ୍ର ମାଧ୍ୟମରେ ସମସ୍ତ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଧିକାରୀମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଛି ।

ଦିପ୍ତୀମୟୀ ମହାପାତ୍ର
ସୂଚନା ଅଧିକାରୀ

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**